# ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ଦାବି

ନୟାହାଟ,୧୧।୧୨(ସମିସ): ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ନୟାହାଟ ଉପରେ ପୁରୀ ,କଟକ, ଜଗତସିଂହପୁର ଜିଲ୍ଲାର ଛଅଟି ବ୍ଲକ ଗୋପ, କାକଟପୁର, ଅସ୍ତରଙ୍ଗ, ନିମାପଡ଼ା, ନିଆଳି ଓ ନାଉଗାଁ ବ୍ଲକର ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ପାନଚାଷୀ ନିର୍ଭର କରନ୍ତି। ସେମାନେ ପ୍ରତି ହାଟ ପାଳି ବୁଧ, ରବି, ସୋମ ଓ ଶୁକ୍ରବାର ଦିନମାନଙ୍କରେ କିଣାବିକା କରିଥାନ୍ତି। ରାତିରୁ ସକାଳ ଆଠଟା ପର୍ଯ୍ୟନ୍ତ ପାନ ହାଟ ଗହଳି ହେଉଥିବା ବେଳେ ସେମାନଙ୍କ ଲାଗି କୌଣସି ବିଶ୍ରାମାଗାର ଓ ସୁଲଭ ଶୌଚାଳୟ ବ୍ୟବସ୍ଥା ନାହିଁ। ଅନେକ ସମୟରେ ଅସୁବିଧାବଶତଃ କେହି ରାତିରେ ରହିବା ପାଇଁ ଚାହିଁଲେ ମଧ୍ୟ ଯାତ୍ରୀ ନିବାସ ସୁବିଧା ନାହିଁ। ଫଳରେ ଲୋକମାନେ ରାସ୍ତାରେ ଘଣ୍ଟା ଘଣ୍ଟା ଛିଡା ହୋଇ ଗାଡ଼ିକୁ ଅପେକ୍ଷା କରନ୍ତି। ଯାତ୍ରୀ ବିଶ୍ରମାଗାର ନ ଥିବାରୁ ମହିଳା ଓ କଲେଜ୍ ଛାତ୍ରୀମାନେ ଖରା, ବର୍ଷା ଓ ଶୀତରେ ଦୋକାନ ବାରଣ୍ଡାରେ ଗାଡ଼ିକୁ ଅପେକ୍ଷା କରନ୍ତି। ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। ସରକାରୀସ୍ତରରେ ଯଦି ତୁରନ୍ତ କାର୍ଯ୍ୟକାରୀ ନହୁଏ ତେବେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ସୁରେନ୍ଦ୍ର ମୋହନ ବିଟି ଓ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର

କଣାସ,୧୧।୧୨(ସମିସ): କଣାସ ବ୍ଲକର ୨୮ଟି ପଞ୍ଚାୟତରେ ରହି ଯାଇଥିବା ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବାପାଇଁ ବୁଧବାର ଦୟାବିହାରସ୍ଥ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଓ ବ୍ଲକ ପ୍ରଶାସନ ପକ୍ଷରୁ ପରି.ଳିତ ଏହି ଶିବିରରେ ୫୩୧ ଜଣ ଭିନ୍ନକ୍ଷମ ଭିନ୍ନକ୍ଷମ ଯୋଗ ଦେଇଥିଲେ। ତନ୍ମଧ୍ୟରୁ ଅସ୍ଥିଶଲ୍ୟ ୨୮୮ ଜଣ, ରକ୍ତଜନିତ ୧୦ ଜଣ, ନାଶା-କର୍ଣ୍ଣ ଓ ଗଳା ୧୧୧ ଜଣ, ଚକ୍ଷୁ ୬୮ ଜଣ ଓ ମାନସିକ ଅନଗ୍ରସର ୫୪ଜଣଙ୍କୁ ବିଶେଷଜ୍ଞ ଡାକ୍ତରମାନେ ପରୀକ୍ଷା ନିରୀକ୍ଷା କରିଥିଲେ। ସକାଳ ୮ରୁ ଅନୁଷ୍ଠାନ ପରିସରରେ ଭିନ୍ନକ୍ଷମମାନେ ଧାଡିବାନ୍ଧି ଠିଆ ହୋଇଥିବା ବେଳେ ଡାକ୍ତରମାନେ ଦିନ ୧୧ଟାରେ ଶିବିରକୁ ଆସିଥିଲେ। ଫଳରେ ଦୀର୍ଘ ସମୟ ଧରି ଠିଆ ହୋଇ ରହିଥିବା ଭିନ୍ନକ୍ଷମମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଶିବିର ପରି.ଳନା ପାଇଁ ମାତ୍ର ଜଣେ ଦୁଇ ଜଣ କର୍ମଚାରୀ ଥିବାରୁ ବଡ ଅବ୍ୟବସ୍ଥା ହୋଇଥିଲା । ପାନୀୟ ଜଳର କୌଣସି ସୁବିଧା ନ ଥିବା ବେଳେ ଭିନ୍ନକ୍ଷମମାନେ ଦିନଯାକ ଭୋକ ଉପବାସରେ ରହି ଫେରିଥିଲେ । ୫୩୧ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ। ଡାକ୍ତର ଦିପ୍ତୀଶ କୁମାର ସାହୁ, ଡାକ୍ତର ସୁଶିଲ କୁମାର ନାୟକ, ଡାକ୍ତର ଶାନ୍ତନୁ ଜେନା, ଡାକ୍ତର ପ୍ରିୟଙ୍କା ଜେନା, ଡାକ୍ତର ରବୀନ୍ଦ୍ର କୁମାର ଘଡେଇ, ଡାକ୍ତର ସଂପ୍ରଭା ବରାଳ ଭିନ୍ନକ୍ଷମଙ୍କ ପରୀକ୍ଷା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଯୋଗ ଦେଇଥିଲେ। ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍ ଓ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରାମେଶ ଚନ୍ଦ୍ର ବେହେରା ଶିବିର ପରିଦର୍ଶନ କରି ଫେରି ଆସିଥିଲେ।

# ନିମାପଡା ଉପ-କାରାଗାରରେ ପ୍ରିଜନ୍ସ ପରଫର୍ମାନ୍ସ ଡେ ପାଳିତ




ନିମାପଡା,୧୧।୧୨(ସମିସ): ନିମାପଡାସ୍ଥିତ ଉପ-କାରାଗାର ପରିସରରେ ପ୍ରିଜନ୍ସ ପରଫର୍ମାନ୍ସ ଡେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପ-କାରାଗାର ଅଧକ୍ଷା ସୁଶ୍ରୀ ସ୍ମିତା ମହାନ୍ତି ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ,ଡା. ଆଶୁତୋଷ ଜେନା, ସହକାରୀ ଜେଲର ଭବାନୀ ଶଙ୍କର ପୃଷ୍ଟି ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଅନ୍ତେବାସୀମାନଙ୍କୁ ପ୍ରଶଂସା କରିଥିଲେ। ପରେ ନିମାପଡାସ୍ଥିତ ନୟାସବେରା ୟୁଥ୍‌ଟ୍ରଷ୍ଟ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜେଲ ଫାର୍ମାସିଷ୍ଟ ଜୟନ୍ତ କୁମାର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ଡେଲାଙ୍ଗ ଷ୍ଟେସନ ବଜାରରେ ଅଗ୍ନିକାଣ୍ଡ

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ



ଡେଲାଙ୍ଗ,୧୧।୧୨(ସମିସ): ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ଏକ ଗୋଦାମ ଘରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ସୂଚନା ମୁତାବକ ଡେଲାଙ୍ଗ ବଜାରସ୍ଥିତ ବ୍ରହ୍ମଗିରୀ ଛକ ସନ୍ନିକଟ ଲକ୍ଷ୍ମୀଧର ବେହେରାଙ୍କର ଏକ ଗୁଆ ଦୋକାନ ରହିଛି। ଏହି ଦୋକାନରେ ସେ କଦଳୀ ଓ ପଲିଥିନ ଜରି ବ୍ୟବସାୟ ମଧ୍ୟ କରିଥାନ୍ତି। ଏହି ସାମଗ୍ରୀ ଗୁଡିକୁ ସେ ଶ୍ରୀ ତ୍ରିନାଥ ଦେବଙ୍କ ମନ୍ଦିରକୁ ସଲଗ୍ନ ଏକ ଗୋଦାମ ଘରେ ରଖି ବ୍ୟବସାୟ କରନ୍ତି। ମଙ୍ଗଳବାର ରାତି ପ୍ରାୟ ୧୧.୩୦ରେ ହଠାତ୍ ତାଙ୍କ ଗୋଦାମ ଘରେ ନିଆଁ ଲାଗିଯିବା ସ୍ଥାନୀୟ ଲୋକେ ଦେଖିଥିଲେ। ସାମାଜିକ କର୍ମୀ ବିକ୍ରମ ପରିଡା, ନୀଳମଣି ପ୍ରଧାନ, ସୋମନାଥ ବିଶ୍ୱାଳ, ମାନସ ପ୍ରଧାନ ଓ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ୨ଶହ କିଲୋରୁ ଊର୍ଦ୍ଧ୍ୱ ପଲିଥିନ, ଜରି ଥିବାରୁ ନିଆଁର ବେଗ ତୀବ୍ର ହୋଇଥିଲା। ଗୋଦାମ ଘରଟି ପରିବା ମାର୍କେଟକୁ ଲାଗି ରହିଥିବାରୁ ପରିବା ବ୍ୟବସାୟୀ ମାନେ ମଧ୍ୟ ପାଣି ଢାଳି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ଯୋଗୁ ଶ୍ରୀ ବେହେରାଙ୍କ ୨୧ କାନ୍ଦି କଦଳୀ, ୨ଶହ କିଲୋରୁ ଊର୍ଦ୍ଧ୍ୱ ପଲିଥିନ, ୫୦କିଲୋରୁ ଊର୍ଦ୍ଧ୍ୱ ଗୁଆ ଓ ଗୋଟିଏ ଟେବୁଲ ଫ୍ୟାନ୍ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# ଅଚିହ୍ନା ଭିନ୍ନକ୍ଷମ ବୃଦ୍ଧାଙ୍କ ଶବ ଉଦ୍ଧାର

କଣାସ,୧୧।୧୨(ସମିସ): କଣାସ ବ୍ଲକ ବକୁ ପଞ୍ଚାୟତ ପାଟଯୋଶୀପୁର ଗ୍ରାମ ନିକଟ ଜଗନ୍ନାଥ ସଡକ କଡରୁ ବୁଧବାର ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର ହୋଇଛି । ତାଙ୍କ ବୟସ ଆନୁମାନିକ ୭୦ବର୍ଷ ହେବ। ବୃଦ୍ଧା ଜଣଙ୍କ ଭିନ୍ନକ୍ଷମ ହୋଇଥିବା ବେଳେ ଗତକାଲି ସନ୍ଧ୍ୟାରେ ସେ ବଜାରରେ ବୁଲୁଥିବା ଲୋକେ ଦେଖିଥିଲେ। ଆଜି ସକାଳେ ଉକ୍ତ ବୃଦ୍ଧାଙ୍କ ମୃତ ଶରୀର ଜଗନ୍ନାଥ ସଡକ କଡରେ ପଡିଥିବା ସ୍ଥାନୀୟ ଲୋକ ଦେଖି ଗଡିଶାଗୋଦା ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମକଦ୍ଦମା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଅଦ୍ୟାବଧି ବୃଦ୍ଧାଙ୍କ ପରିଚୟ ମିଳିନାହିଁ।

# କାଳିଜାଇଙ୍କ ପୀଠ ସଫେଇ




କୃଷ୍ଣପ୍ରସାଦ,୧୧।୧୨(ସମିସ): ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଇଙ୍କ ପୀଠକୁ ସଫେଇ କରାଯାଇଛି। ପର୍ଯ୍ୟଟନ ଋତୁ ଚାଲିଥିବାରୁ ପ୍ରତ୍ୟହ ଶହଶହ ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହେଉଛି। ପୀଠକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଓଡ଼ିଶା ଇକୋ ଟ୍ୟୁରିଜିମ ଫାଉଣ୍ଡେସନ ପୁରୀ କୃଷ୍ଣପ୍ରସାଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଫାଉଣ୍ଡେସନର ସଭାପତି ଯୁଗବ୍ରତ କରଙ୍କ ନେତୃତ୍ୱରେ ମନ୍ଦିର ଏବଂ ଚର୍ତୁପାଶ୍ୱର୍ରୁ ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା। ମନ୍ଦିର ପରିସରକୁ ଆସୁଥିବା ପର୍ଯ୍ୟଟକ ଏବଂ ଦର୍ଶନାର୍ଥୀମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ଉପରେ ବାରଣ କରାଯାଇ ସଚେତନତା କରିଥିଲେ। ଏହି ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିଥିବା ଜଣାପଡିଛି। ଅନୁଷ୍ଠାନର ଆଶିଷ କୁମାର ସ୍ୱାଇଁ, ଅନୁଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାକଟପୁର ମିଡ଼ିଆ ଫୋରମ୍‌ର ସାଧାରଣ ବୈଠକ

ନୟାହାଟ,୧୧।୧୨(ସମିସ): କାକଟପୁରର ଏକମାତ୍ର ପଞ୍ଜିକରଣ ଗଣମାଧ୍ୟମ କାକଟପୁର ମିଡ଼ିଆ ଫୋରମର ସାଧାରଣ ବୈଠକ କୁତାମଚଣ୍ଡୀ ବନ୍ୟ ପରିବେଶ ମଧ୍ୟରେ ଅସ୍ଥାୟୀ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ମନୋନୀତ କରାଯାଇଛି। ନୂତନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ରାଉତ, ଉପସଭାପତି ମାନସ କୁମାର ସାମଲ, ସମ୍ପାଦକ ଶଙ୍କର ପ୍ରସାଦ ଦାସ, ସହ ସମ୍ପାଦକ ସତ୍ୟଜିତ ଦାଶ, କୋଷାଧ୍ୟକ୍ଷ କ୍ଷେତ୍ରମୋହନ ଦାଶଙ୍କୁ ମନୋନୀତ କରାଯାଇଛି। ମିଡ଼ିଆ ଫୋରମର ଉପଦେଷ୍ଟା ଭାବେ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକ, ମିଡ଼ିଆର କାର୍ଯ୍ୟନିର୍ବାହୀ କମିଟିକୁ ରଶ୍ମୀ ରଞ୍ଜନ ସାହୁ, ବିପିନ ଦାସ, ଜ୍ଞାନରଞ୍ଜନ ବିଶ୍ୱାଳ, ଆର୍ଯ୍ୟ ବିଶ୍ୱାଳ, ଆର୍ତ୍ତ ଚରଣ ମହାନ୍ତି ପ୍ରସନ୍ନ ପାତ୍ର, ହରେକୃଷ୍ଣ ମହାନ୍ତି, ସମୀର କୁମାର ମହାପାତ୍ର ପ୍ରମୁଖ ତିରିଶରୁ ଊର୍ଦ୍ଧ୍ୱ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସାମ୍ବାଦିକମାନଙ୍କୁ ଆକ୍ରମଣ ହେଉଥିବା ଘଟଣାକୁ ଘୋର ନିନ୍ଦା କରାଯିବା ସହିତ ସାମ୍ବାଦିକ ସୁରକ୍ଷା ଆଇନ ବିଧାନସଭାରେ ଏକ ବିଲ୍ ଗୃହୀତ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ସାମ୍ବାଦିକ ମାନଙ୍କ ପାଇଁ ଏକ ଗୃହ କାକଟପୁରରେ ଯୋଗାଇ ଦେବା ପାଇଁ ବିଧାୟକଙ୍କ ପାଖରେ ଦାବି କରାଯାଇଛି।




# ଚାରା ରୋପଣ କାର୍ଯ୍ୟକ୍ରମ



ଚାରିଛକ,୧୧।୧୨(ସମିସ): ଚାରିଛକ ନିକଟସ୍ଥ ତମ୍ପାଳ ଗ୍ରାମର ଦୁଃଶାସନ ସାହୁଙ୍କ ନୂତନ ଗୃହ ପ୍ରତିଷ୍ଠା ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରି ସାଧାରଣରେ ଏକ ନିଆରା ବାର୍ତ୍ତା ଦେଇଛନ୍ତି। ମୁଖ୍ୟଅତିଥି ଭାବେ ସମାଜସେବୀ ସୁବ୍ରତ ଛାଟୋଇ ଯୋଗଦେଇ ଚାରା ରୋପଣ କରଛନ୍ତି। ସାହୁ ପରିବାର ପକ୍ଷରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାହୁ ପରିବାର ମୁଖ୍ୟ ଦ୍ୱାରିକା ସାହୁ, ପାଗେଲି ସାହୁ, ସମାଜସେବୀ ଗଣେଶ ସ୍ୱାଇଁ, ଗୁଡୁ ନାୟକ, ଦେବୀ ପ୍ରସାଦ ସାହୁ, ଅଶୋକ କୁମାର ସ୍ୱାଇଁ, ପ୍ରକାଶ କୁମାର ପ୍ରଧାନ, ଅକ୍ଷୟ ପଢ଼ିଆରୀ, ଶରତ ସ୍ୱାଇଁ, ଅଭିନାଶ ବେହେରା, ବିପିନି ସାହୁ, ରାକେଶ ସ୍ୱାଇଁ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ



ବଳଙ୍ଗା,୧୧।୧୨(ସମିସ): ବଳଙ୍ଗା ସରକାରୀ ନୋଡାଲ ହାଇସ୍କୁଲ ପକ୍ଷରୁ ତିନି ଦିନ ଧରି ଚାଲିଥିବା ୬୯ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୪୫ ଜଣ ବାଳକ ଓ ବାଳିକା ସମୁଦାୟ ୩୨ ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଓ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରମୁଖ ଉତ୍ସବକୁ ସଂଯୋଜନା କରିଥିଲେ। ଅଲଣ୍ଡା ହାଇସ୍କୁଲର କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ବରାଳ ଓ ଗଡତୋରିହ ହାଇସ୍କୁଲର କ୍ରୀଡା ଶିକ୍ଷକ ଗୋବର୍ଦ୍ଧନ ବାରିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ସିନିୟର୍ ବାଳକ ବିଭାଗରେ ଜ୍ଞାନରଞ୍ଜନ ସାହୁ, ବାଳିକା ବିଭାଗରେ ବିଷ୍ଣୁପ୍ରିୟା ନାୟକ ଓ ଜୁନିଅର ବାଳକ ବିଭାଗରେ ସ୍ମୃତିରଞ୍ଜନ ଚିନରା ଓ ବାଳିକା ବିଭାଗରେ କୃପାଳି ପାତ୍ର ଚାମ୍ପିଅନ ଘୋଷିତ ହୋଇଥିଲେ। ସ୍କୁଲ୍ ପରିଚାଳନା କମିଟି ସଭାପତି ସୁବାଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସିମୋର-ତୁଳସୀପୁର ରାସ୍ତା ପାଲଟିଛି ମରଣଯନ୍ତା



ବେଗୁନିଆ,୧୧।୧୨(ସମିସ): ସିମୋର-ତୁଳସୀପୁର ୧୦ କିମି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ୨୦୨୩ ସେପ୍ଟେମ୍ବର ୧୭ ତାରିଖରେ ରାସ୍ତା ନିର୍ମାଣ ଅବଧି ଶେଷ ହୋଇଛି। ହେଲେ ରାସ୍ତାରେ ଥିବା କଲଭର୍ଟର ଜଏଣ୍ଟ ଓ ୨୦ ମିଟରରୁ ଊର୍ଦ୍ଧ୍ୱ ରାସ୍ତାରେ ମେଟାଲ ଓ ବଡ଼ ବଡ଼ ଗର୍ତ୍ତଗୁଡ଼ିକ ଯାତାୟାତ କରୁଥିବା ଯାନବାହନ ଏବଂ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର କାହିଁକି ମରାମତି କାର୍ଯ୍ୟ କରିବାରେ ବିଳମ୍ବ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ ନିମିତ୍ତ ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଅଜୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ସଦାଶିବ ବରିସଲ, ସମାଜସେବୀ ସୂର୍ଯ୍ୟନାରାୟଣ ମିଶ୍ର, ବାସୁଦେବ ବେହେରା, ହରିବନ୍ଧୁ ମହାରଣା ଓ ବ୍ରଜବନ୍ଧୁ ଦାସଙ୍କ ସମେତ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରେ ଦୁଇ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ବିଦ୍ୟାଳୟରେ ଉପଚାରାତ୍ମକ ଶିକ୍ଷାଦାନ କାର୍ଯ୍ୟକ୍ରମ




ବାଣପୁର,୧୧।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ସାନହନୁଆଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭିନବ 'ଉପଚାରତ୍ମକ ଶିକ୍ଷାଦାନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଭାରତର ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଥମରୁ ତୃତୀୟ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଚାଲୁରହିଛି। ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପିଲା ୨୦୨୬-୨୭ ମସିହା ସୁଧା ଉକ୍ତ ଦକ୍ଷତା ହାସଲ କରିବାର ଲକ୍ଷ ରଖାଯାଇଛି। କିନ୍ତୁ ସର୍ବେକ୍ଷଣରୁ ଜଣାଯାଇଛି ଯେ ଓଡ଼ିଶାରେ ପଢୁଥିବା ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫ ପ୍ରତିଶତ ଛାତ୍ରଛାତ୍ରୀ ସଠିକ୍ ଭାବେ ବହି ପଢିପାରୁ ନାହାଁନ୍ତି। ତଦନୁଯାୟୀ ଉକ୍ତ ବିଦ୍ୟାଳୟରେ ୩୩ ଜଣ ଛାତ୍ରଛାତ୍ରୀଙ୍କ ଚିହ୍ନଟ କରାଯାଇ ଏହି କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମଟିକୁ ଯୁଦ୍ଧକାଳୀନ ଭିତ୍ତିରେ ଫେବୃଆରୀ ମାସ ଶେଷ ସୁଧା ସମାପନ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ ସଂଯୋଜକ ପ୍ରମୋଦ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରମିଳା ଦେଇ, ଅପରାଜିତା ମିଶ୍ର, ଶିକ୍ଷକ ହରଷ ଦାସ ଓ ଭଗବତୀ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୀ ପର୍ଯ୍ୟଟନସ୍ଥଳ ବୁଲିବେ ପ୍ରବାସୀ ଭାରତୀୟ

ପୁରୀ, ୧୧।୧୨(ସମିସ): ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଆୟୋଜନ କରୁଛି ପ୍ରବାସୀ ଭାରତୀୟ ଦିବସ। ଯଦିଓ ଏହା ଭୁବନେଶ୍ୱରରେ ଆୟୋଜିତ ହେଉଛି କିନ୍ତୁ ସଂଖ୍ୟାଧିକ ପ୍ରବାସୀ ଭାରତୀୟଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ସେଥିପାଇଁ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏ ନେଇ ବୁଧବାର ସର୍କିଟ ହାଉସ୍‌ରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରବାସୀ ଭାରତୀୟ ଅତିଥିମାନଙ୍କୁ ଓଡ଼ିଆ ପରମ୍ପରା ଅନୁସାରେ ସ୍ୱାଗତ ସହ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ କୋଣାର୍କ ସୂର୍ଯ୍ୟ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ରଘୁରାଜପୁର ଓ ସାତପଡ଼ା ପ୍ରଭୃତି ଅଞ୍ଚଳକୁ ସେମାନେ ପରିଦର୍ଶନ କରିବେ। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ, ପାର୍କିଂ, ଶୌଚାଳୟ, ସ୍ୱଚ୍ଛତା ଇତ୍ୟାଦି



ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ମରାମତି ସହ ରାସ୍ତାପାର୍ଶ୍ୱ ବୁଦା ଗଛଗୁଡ଼ିକୁ ପରିଷ୍କାର କରିବା, ରାସ୍ତା ପାର୍ଶ୍ୱ ଗଛଗୁଡ଼ିକୁ ରଙ୍ଗ ଦେଇ ସୌନ୍ଦର୍ଯ୍ୟ ବୃଦ୍ଧି କରିବା, ସହର, ସମୁଦ୍ର କୂଳ ଇତ୍ୟାଦିକୁ ସୌନ୍ଦର୍ଯ୍ୟକରଣ କରିବା, ରାସ୍ତା ସମ୍ପର୍କରେ ସଚେତନ କରାଇବା ପାଇଁ ସାଇନଏଜ ଲଗାଇବା, ଡିଭାଇଡ଼ରଗୁଡ଼ିକୁ ରଙ୍ଗ ଦେବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବାସୀ ଭାରତୀୟମାନଙ୍କ ସହଯୋଗ ପାଇଁ ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଉଛି। ସେହି ସମୟରେ ମଧ୍ୟ ବିଚ୍ ଫେଷ୍ଟିଭାଲ ଆୟୋଜନ କରାଯାଉଛି। ଏଥିସହ ପଲ୍ଲିଶ୍ରୀ ମେଳା, ଫୁଡ ଫେଷ୍ଟିଭାଲକୁ ସାମିଲ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ୫୧ଟି ହୋଟେଲର ସ୍ଲଟ ପ୍ରବାସୀ ଭାରତୀୟଙ୍କୁ ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ ଆଇନ ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।

ବୈଠକରେ ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ, ୧୧।୧୨(ସମିସ): ମାର୍ଗଶୀର ଶୁକ୍ଳ ଦ୍ୱାଦଶୀ ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

## ସମୁଦ୍ରରେ ବୁଡ଼ି ମଧ୍ୟପ୍ରଦେଶର ଯୁବକ ମୃତ

ପୁରୀ, ୧୧।୧୨(ସମିସ): ସମୁଦ୍ରରେ ସ୍ନାନ ହେଲା କାଳ। ଗାଧୋଇବା ବେଳେ ସାଙ୍ଗମାନଙ୍କ ଆଖି ଆଗରେ ଭାସିଗଲେ ଯୁବକ। ପ୍ରାୟ ୨ ଘଣ୍ଟା ପରେ ତାଙ୍କ ମୃତଦେହ ପୁଲିସ ଜବତ କରିଛି। ମୃତ ଯୁବକ ହେଉଛନ୍ତି ମଧ୍ୟପ୍ରଦେଶର ଧର ଜିଲ୍ଲା ପିତମପୁର ଥାନା ଅଞ୍ଚଳର ପ୍ରଫୁଲ୍ଲ ମହାସେ (୧୮)। ଏ ନେଇ ସମୁଦ୍ରକୂଳ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶର ୭ ଜଣ ଯୁବକ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଗାନ୍ଧାର ହୋଟେଲ ନିକଟ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ଏକ ଉଚ୍ଚ ଜୁଆର ଆସିବାରୁ ପ୍ରଫୁଲ୍ଲ ଭାସି ଯାଇଥିଲେ। ସାଙ୍ଗମାନଙ୍କ ଆଖି ଆଗରେ ସେ ସମୁଦ୍ର ଭିତରକୁ ଟାଣି ହୋଇଯାଇଥିଲେ। ସାଙ୍ଗମାନେ ଉଦ୍ଧାର ପାଇଁ ଡାକ ପକାଇଥିଲେ ହେଁ ନିମିଷକେ ସେ ବୁଡ଼ି ଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ, ଲାଇଫ୍‌ଗାର୍ଡ ଏବଂ ସମୁଦ୍ରକୂଳ ଥାନା ପୁଲିସ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ପତ୍ତା ମିଳି ନ ଥିଲା। ପ୍ରାୟ ୨ରୁ ଅଢେଇ ଘଣ୍ଟା ପରେ ବାଙ୍କୀ ମୁହାଣ ନିକଟରୁ ତାଙ୍କର ମୃତଦେହ ଜବତ କରିଥିଲା ପୁଲିସ। ଏ ନେଇ ଏକ ଅପମୃତ୍ୟୁ ମାମଲା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲ।

## ବରଯାତ୍ରୀ ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

ପୁରୀ, ୧୧।୧୨(ସମିସ): ପୁରୀ-ସାତପଡ଼ା ରାଜପଥର କେଉଟକୁଦି ଛକ ନିକଟରେ ଏକ ବରଯାତ୍ରୀ ବସ୍ ସହିତ ବାଇକ ଧକ୍କା ହୋଇଛି। ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ ଘଟିଛି। ଖବର ପାଇଁ ଅରଖକୁଦା ମେରାଇନ ଥାନା ପୁଲିସ ପହଞ୍ଚି ଶବ ଜବତ କରିଛି। ଏଥିସହିତ ଦୁର୍ଘଟଣା ଘଟାଇଥିବା ବସ୍‌କୁ ମଧ୍ୟ ଜବତ କରିଛି। ମୃତ ବାଇକ ଚାଳକ ପଣସପଦାର ଅଜିତ କୁମାର ପ୍ରଧାନ ବୋଲି ପୁଲିସ ସୂଚନା ଦେଇଛି। ତେବେ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଆକର୍ଷଣ ସାଜୁଛି ଚିତ୍ରକଳା

ପୁରୀ, ୧୧।୧୨(ସମିସ): ମହୋଦଧି ଦିବସ ଅବସରରେ ପୁରୀ ବେଳାଭୂମିରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଦେଖଣାହାରୀଙ୍କ ଆକର୍ଷଣ ସାଜିଛି ସୁନ୍ଦର ସୁନ୍ଦର ପେଣ୍ଟିଂ। ଏଥିରେ ମିଲନ୍ ମିଶ୍ର, ରଞ୍ଜନ ପ୍ରଧାନ, ଓମ୍‌ପ୍ରକାଶ ବେହେରା, ପୂଜାରାନୀ ଗିରି, ମାହେଶ୍ୱରୀ ରଣା, ଆଶୁତୋଷ ବିଶ୍ୱାଳ, ଶୁଭମ୍ କୁମାର ଜେନା, ଲିଜାରାଣୀ ସାହୁ, କାଜଲ ଦେବନାଥ, ସାଜିଦା ବେଗମ୍, ପ୍ରସନ୍ନ ସ୍ୱାଇଁ, ଦୁର୍ଗାମାଧବ କର, କାମାକ୍ଷା ପ୍ରସାଦ ଦାଶ, ମୁକ୍ତିପଦ ନନ୍ଦୀ, ସୁଭସ୍ମିତା ଘଡ଼େଇ, ସସ୍ମିତା ସ୍ୱାଇଁ ପ୍ରମୁଖ ୩୦ ଜଣ ଚିତ୍ରଶିଳ୍ପୀ ଭାଗ ନେଇଛନ୍ତି। ଏହି କର୍ମଶାଳା ଗୁରୁବାର ଉଦଯାପିତ ହେବ ବୋଲି ଅଧ୍ୟକ୍ଷ ଦୁର୍ଗାମାଧବ କର ସୂଚନା ଦେଇଛନ୍ତି।

## ପୁଅକୁ ଖୋଜିବା ପାଇଁ ଏସ୍‌ପିଙ୍କୁ ଗୁହାରି କଲେ ବାପା ମା'

ପୁରୀ, ୧୧।୧୨(ସମିସ): ନିଖୋଜ ପୁଅକୁ ଖୋଜି ନ ପାଇ ନିରାଶ ହେବା ପରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅସହାୟ ବୃଦ୍ଧ ବାପା ଓ ମା'। ବଲାଙ୍ଗୀର କଣ୍ଟାବାଞ୍ଜି ଅଞ୍ଚଳର ରମେଶ କୁମାର ଜୈନ ଏବଂ ସରସ୍ୱତୀ ଦେବୀଙ୍କ ଏକମାତ୍ର ପୁଅ ପ୍ରଶାନ୍ତ କୁମାର ଜୈନ। ତିନିମାସ ହେବ ଘରୁ ବୁଲିବା ନା ରେ କୁଆଡେ ଚାଲି ଯାଇଛନ୍ତି। ଶେଷଥର ଲାଗି ସେ ପୁରୀରେ ରହୁଥିବା ସୂଚନା ମିଳିବା ପରେ ବୃଦ୍ଧ ବାପ ମା' ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ବୁଧବାର ବୃଦ୍ଧ ବାପା ମା' ଏସ୍‌ପିଙ୍କୁ ଭେଟି ପୁଅକୁ ଖୋଜିବା ଲାଗି ନିବେଦନ କରିଛନ୍ତି।

### ଶୃଙ୍ଖଳିତ ହୋଇପାରୁନି ଦର୍ଶନ

## ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

ପୁରୀ, ୧୧।୧୨(ସମିସ): ଚାରିଦ୍ୱାରରେ ଭକ୍ତଙ୍କ ପ୍ରବେଶ ଅନୁମତି ପରେ ଶ୍ରୀମନ୍ଦିରରେ ଦର୍ଶନ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଛି। ଅଧିକାଂଶ ଦିନ ଭିଡ଼ ଏମିତି ହେଉଛି ଯେ, ଅନେକ ଶ୍ରଦ୍ଧାଳୁ ଠିକ୍ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରୁ ନାହାନ୍ତି। ଅପରପକ୍ଷେ ଦିନକୁ ଦିନ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଥିବା ବେଳେ ଦର୍ଶନ କିଭଳି ଶୃଙ୍ଖଳିତ ହେବ ସେ ନେଇ ଚିନ୍ତାରେ ପଡ଼ିଛି ପ୍ରଶାସନ। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମଧ୍ୟ ଏ ନେଇ ବହୁବାର ଆଲୋଚନା ହୋଇଛି। ତେବେ ପରିଚାଳନା କମିଟି ଏବଂ ଛତିଶା ନିଯୋଗଙ୍କ ସୁପାରିଶ ଆଧାରରେ ଶ୍ରୀମନ୍ଦିରର ନାଟ ମଣ୍ଡପରେ ପ୍ରସ୍ତାବିତ ଦର୍ଶନ ବ୍ୟବସ୍ଥା ଅଗ୍ରଗତିର ସମୀକ୍ଷା କରିଛନ୍ତି ମୁଖ୍ୟ ପ୍ରଶାସକ। ବୁଧବାର ଓବିସିସିର ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଜରୁରୀ ବୈଠକରେ ପ୍ରସ୍ତାବିତ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା କରାଯାଇଛି। ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ବୈଷୟିକ କମିଟି ସହିତ ପରାମର୍ଶ କରି ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ପାଇଁ ଓବିସିସିକୁ ଅନୁରୋଧ କରିଥିଲେ ମୁଖ୍ୟ ପ୍ରଶାସକ। କାର୍ଯ୍ୟ ସମ୍ପାଦନ ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓବିସିସିକୁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଥାଉ କି, ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବଢ଼ିଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇବେ ତାହା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି। ଚାରିଦ୍ୱାରରେ ଭକ୍ତ ପ୍ରବେଶ କରୁଛନ୍ତି। କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ସେହି ଗୋଟିଏ ଦ୍ୱାର ସାତପାହଚ ଦେଇ ଭକ୍ତ ନାଟମଣ୍ଡପକୁ ଯାଉଛନ୍ତି। ଫଳରେ ଭିତରେ ଭିଡ଼ ଅସମ୍ଭାଳ ହେଉଛି। ଛୁଟିଦିନରେ ଗହଳି ଏମିତି ହେଉଛି ଯେ ଶୃଙ୍ଖଳିତ ଦର୍ଶନ ପାଇଁ ନିୟୋଜିତ ସୁରକ୍ଷା କର୍ମୀ ବି ନାକେଦମ୍ ହୋଇପଡୁଛନ୍ତି। ଏପରି କି ଅନେକ ଭକ୍ତ ଭିଡ଼ ଭିତରେ ପ୍ରବେଶ କରି ନ ପାରି ବାହାରୁ ଠାକୁରଙ୍କୁ ମୁଣ୍ଡିଆଟିଏ ମାରି ଫେରିଯିବାକୁ ବାଧ ହେଉଛନ୍ତି। ସେହିପରି ଭିଡ଼ ଭିତରେ ଅନେକ ଶ୍ରଦ୍ଧାଳୁ ଅଣନିଶ୍ୱାସୀ ହୋଇପଡୁଥିବା ବେଳେ ଅଚେତ ଭକ୍ତଙ୍କୁ ହସ୍ପିଟାଲ ନେବାକୁ ପଡୁଛି। ଏଭଳି ସ୍ଥିତି ଭିତରେ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ହେବ ତାହାକୁ ନେଇ ବିଭିନ୍ନ ସମୟରେ ବୈଠକ ବସୁଛି। ହେଲେ ଏହାର ସମାଧାନ ହୋଇପାରି ନାହିଁ।

ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ଏବେ ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବ। ଅର୍ଥାତ୍ ଭିଡ଼ରେ ଅଣନିଶ୍ୱାସୀ ହୋଇପଡୁଥିବା ବା ଅଚେତ ହୋଇଯାଉଥିବା ଭକ୍ତ ଏହାଦ୍ୱାରା ଉପକୃତ ହେବେ। ସେହିପରି ନାଟମଣ୍ଡପରେ କାଠର ର୍ୟାମ୍ପ ବା ବ୍ୟାରିକେଡ କରାଯିବା ଲାଗି ଯୋଜନା କରାଯାଇଛି। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ବୈଠକରେ ହୋଇଛି ଆଲୋଚନା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ପୁରୀ, ୧୧।୧୨(ସମିସ): ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ ବୁଧବାର ଶରଧା ବାଲିସ୍ଥିତ ନାକଚଣା ଦ୍ୱାର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖ୍ୟାତନାମା ସାହିତ୍ୟିକ ଓ ଶିକ୍ଷାବିତ୍ ଜିତେନ୍ଦ୍ର ନାରାୟଣ ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ପୁରୀ ସଦର ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି, ସୁନୀଲ ଚକ୍ରବର୍ତ୍ତୀ, ସମ୍ପାଦକ ପୁରୁଷୋତ୍ତମ ନାୟକ, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ମଞ୍ଚାସୀନ ଥିଲେ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଭାପତି ଲୋକନାଥ ପାଣି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହାପରେ ସ୍କାଉଟ୍ ଗାଇଡ୍ କଲରପାର୍ଟ ଘୋଷ ବାଦନ ସହ ଅତିଥିମାନଙ୍କୁ ସ୍ୱାଗତ କରି ମଞ୍ଚ ନିକଟକୁ ଅଣାଯାଇଥିଲା। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ଶିଶୁମାନଙ୍କ ଦ୍ୱାରା ବନ୍ଦନା ପ୍ରାର୍ଥନା ଓ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସହ ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସ୍ୱାଗତ ଭାଷଣ ଏବଂ ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଯୋଗ, ସଙ୍ଗୀତ ଓ ନୃତ୍ୟ ଗୁରୁମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତିଙ୍କ ଅଭିଭାଷଣ ପରେ ଉପସଭାପତି ପ୍ରସନ୍ନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଦ୍ୱାରା ଚିତାକର୍ଷକ ଯୋଗ, ପିରାମିଡ୍ ନୃତ୍ୟ ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା।

### ପଞ୍ଜିକାରେ ଦ୍ୱନ୍ଦ୍ୱ ଦୂର ପାଇଁ ବୈଠକ

## ବିନା ଅନୁମତିରେ ପାଞ୍ଜି ଛାପିଲେ କାର୍ଯ୍ୟାନୁଷ୍ଠାନ

ପୁରୀ, ୧୧।୧୨(ସମିସ): ସବୁ ପଞ୍ଜିକାରେ ତିଥି, ବାର ଏବଂ ବିଭିନ୍ନ ପର୍ବପର୍ବାଣୀ ଯେପରି ସମାନ ରହିବ ତା' ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇଆସୁଛି। ଏଥିପାଇଁ ପ୍ରତିବର୍ଷ ବିଭିନ୍ନ ପଞ୍ଜିକାର ମୁଖ୍ୟମାନଙ୍କୁ ଡକାଯାଇ ବୈଠକ ବସୁଛି। ହେଲେ ଠିକଣା ବେଳକୁ କିନ୍ତୁ ଉଦ୍ଦେଶ୍ୟ ଫେଲ୍ ମାରୁଛି। ପାଞ୍ଜିରେ ପାରସ୍ପରିକ ଅମେଳ ରହୁଛି। ଫଳରେ ପଞ୍ଜିକା ଅନୁସରଣକାରୀ ଦ୍ୱନ୍ଦ୍ୱରେ ରହୁଛନ୍ତି। ତେଣୁ ବିଭିନ୍ନ ପର୍ବପର୍ବାଣିକୁ ନେଇ ଲୋକଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ତାହା ଦୂର କରିବା ପାଇଁ ପ୍ରୟାସ ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଓଡ଼ିଶାର ପ୍ରସିଦ୍ଧ ପଞ୍ଜିକାରମାନଙ୍କୁ ଡାକି ବୁଧବାର ଏକ ବୈଠକ କରିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପାଞ୍ଚଜଣ ପଞ୍ଜିକା ପ୍ରକାଶନ କରୁଥିବା ଅନୁଷ୍ଠାନ ଯୋଗ ଦେଇଥିଲେ। ଆଗାମୀ ପାଞ୍ଜି ପ୍ରକାଶ ପୂର୍ବରୁ ତାଙ୍କର ଗଣନା ଏବଂ ପାଣ୍ଡୁଲିପି ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ପ୍ରଦାନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ପାଣ୍ଡୁଲିପିକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ତର୍ଜମା କରି ଭୁଲ୍ ଠିକ୍ ଥିବା ସମସ୍ତ ତଥ୍ୟକୁ ଠିକ୍ କରିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏହା ଦିଆଯାଇ ଅନୁମୋଦନ କରାଯିବ। ଏହାପରେ ପଞ୍ଜିକା ପ୍ରକାଶ କରୁଥିବା ସଂସ୍ଥା ଗୁଡିକ ପଞ୍ଜିକା ପ୍ରକାଶ କରିବେ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନର ବିନା ଅନୁମୋଦନରେ ବିଭ୍ରାନ୍ତିକର ସୂଚନା ପାଞ୍ଜିରେ ଦିଆଗଲେ ସମ୍ପୃକ୍ତ ସଂସ୍ଥାକୁ ନୋଟିସ୍ ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୀତି ପ୍ରଶାସକ ଶ୍ରୀ ସାହୁ କହିଛନ୍ତି। ବୁଧବାର ଅନୁଷ୍ଠିତ ବୈଠକରେ ପଞ୍ଜିକାର, ମୁକ୍ତିମଣ୍ଡପ ପଣ୍ଡିତ ସଭା, ପୂଜାପଣ୍ଡା ନିଯୋଗ ସାମିଲ ହୋଇଥିଲେ।

## ଅନ୍ନପୂର୍ଣ୍ଣା ଓ ମୁକ୍ତାକାଶ ରଙ୍ଗମଞ୍ଚ ନବ ନିର୍ମାଣ ଦାବି

ପୁରୀ, ୧୧।୧୨(ସମିସ): କଳା, ସଂସ୍କୃତିର ସହର ପୁରୀ। ସଞ୍ଜ ନଇଁଲେ ଏଠି ନୃତ୍ୟଗୀତର ଆସର ଜମିଥାଏ। ହେଲେ ଦୁଃଖର ବିଷୟ କଳା, ସଂସ୍କୃତିକୁ ଆଗକୁ ନେବା ଲାଗି ଏଠାରେ ଭଲ ମଞ୍ଚଟିଏ ନାହିଁ। ହାତଗଣତି ଯେଉଁ କେତୋଟି ମଞ୍ଚ ରହିଛି ସେଠାକାର ଦେୟ ଅନେକଙ୍କୁ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପଛକୁ ଟାଣିଥାଏ। ଏଭଳି ସ୍ଥିତିରେ ପୁରୀ ସହରରେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ରହିଛି ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ଏବଂ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ। ତେଣୁ ଏହାର ପୁନରୁଦ୍ଧାର ପାଇଁ ଦୀର୍ଘବର୍ଷ ହେବେ ଦାବି ହୋଇଆସୁଥିଲେ ହେଁ ଏ ପର୍ଯ୍ୟନ୍ତ ତାହା ଫଳପ୍ରଦ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ବୁଧବାର ଓଡ଼ିଶା ଯୁବ ଚେତନା ସଙ୍ଗଠନ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସାକ୍ଷାତ୍ କରି ଦାବି ଜଣାଇଛି। ଶରଧାବାଲିର ମୁକ୍ତାକାଶ ରଙ୍ଗମଞ୍ଚର ନବନିର୍ମାଣ ପାଇଁ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଥିବା ବେଳେ ନାଟ୍ୟ ଚେତନାର ପ୍ରାଣକେନ୍ଦ୍ର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ ପାଇଁ ସଂସ୍କୃତି ବିଭାଗ ସହ ଆଲୋଚନା କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ଯୁବ ଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଜୟଦେବ ନାୟକ, ଚିନ୍ମୟ ପାତ୍ର, ପ୍ରଶାନ୍ତ କୁମାର ନାୟକ, ସୌମ୍ୟରଞ୍ଜନ ପାତ୍ର, ସୀତାରାମ ସେନାପତି ଏବଂ କେଦାରନାଥ ମହାପାତ୍ର ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଅଲାରନାଥ ମନ୍ଦିର ବେଢ଼ାରେ ମାଛ ପଡ଼ିବାକୁ ନେଇ ଅସନ୍ତୋଷ

ପୁରୀ, ୧୧।୧୨(ସମିସ): ବ୍ରହ୍ମଗିରି ପରିଚୟ ପ୍ରସିଦ୍ଧ ଅଲାରନାଥ ମନ୍ଦିର ବେଢ଼ାରେ ମାଛ, ଚିଙ୍ଗୁଡ଼ି ପଡ଼ିବା ଘଟଣାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଅଭାବନୀୟ



ଘଟଣାକୁ ନେଇ କେହି କେହି ବ୍ରହ୍ମଗିରି ପାଇଁ ଆଗକୁ ବଡ ବିପଦ ଆସିବ ବୋଲି କହୁଥିବା ବେଳେ ଆଉ କେହି ପ୍ରଶାସନକୁ ବି ଦାୟୀ କରୁଛନ୍ତି। କେବଳ ଅଣସର ସମୟରେ ପ୍ରଶାସନ ଏହି ପୀଠ ପ୍ରତି ତତ୍ପରତା ଦେଖାଉଛି। ବର୍ଷର ଆଉ ସବୁ ସମୟ ଅଲାରନାଥ ପୀଠ ପ୍ରତି ଅବହେଳା କରାଯାଉଛି। ଲାଗିଥିବା ସିସିଟିଭି କ୍ୟାମେରା ଅଚଳ ହୋଇପଡ଼ିଛି। କିଏ କେତେବେଳେ ଚପଲ ପିନ୍ଧି ଭିତରକୁ ପଶିଯାଉଛନ୍ତି ତ ପୁଣି କେତେବେଳେ ହୁଣ୍ଡି ଦାନବାକ୍ସ ଚୋରି ଏବଂ ଶ୍ରୀଚୈତନ୍ୟଙ୍କ ମୂର୍ତ୍ତି ଭାଙ୍ଗିବା ଭଳି ଘଟଣା ଘଟୁଛି। ଏ ସବୁ କ'ଣ ଚାଲିଛି, କିଏ କରୁଛି ସେ ଦିଗରେ କେହି ବି ତତ୍ପରତା ଦେଖାଉନାହାନ୍ତି। ଅଲାରନାଥଙ୍କ ପୀଠରେ ୨୪ ଘଣ୍ଟିଆ ପୁଲିସ ମୁତୟନ କରିବା ଲାଗି ଆପ୍ ଦାବି କରିବା ସହ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି।

### ବିଚ୍ ଆଣ୍ଡ ଓସନ କାର୍ଣ୍ଣିଭାଲ

## ଖେଳକୁଦ, ନାଚଗୀତରେ କମ୍ପୁଛି ବେଳାଭୂମି

ପୁରୀ, ୧୧।୧୨(ସମିସ): ମହୋଦଧି ଦିବସ ପାଳନ ଅବସରରେ ପୁରୀ ବେଳାଭୂମିରେ ଚାଲିଛି ବିଚ୍ ଆଣ୍ଡ ଓସନ କାର୍ଣ୍ଣିଭାଲ। ଏହି ତିନିଦିନିଆ ମହୋତ୍ସବର ବୁଧବାର ଦ୍ୱିତୀୟ ଦିନରେ ଖେଳକୁଦ, ସମୁଦ୍ର ପହଁରା ସାଙ୍ଗକୁ ସନ୍ଧ୍ୟାରେ ନାଚଗୀତରେ କମ୍ପିଉଠୁଛି ବେଳାଭୂମି।



ଦେଶ ବିଦେଶର ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଏହାଦେଖି ଢେର୍ ଖୁସି ହେଉଛନ୍ତି। ସମୁଦ୍ର ଜଳରାଶିରେ ଅନୁଷ୍ଠିତ ଖେଳ ମଧ୍ୟରେ ପହଁରା, କାୟକିଙ୍ଗ କନୱାଗିଙ୍ଗ, ରନ ସୁଇମ୍ ରନ, ରେସିକ୍ୟୁ ଟିୟୁରେସିକ୍ୟୁ କ୍ରୀଡାରେ ୧୯ ଓ ୧୬ ବର୍ଷରୁ କମ ଖେଳାଳୀ, ପୁରୁଷ ଓ ମହିଳା ଓପନ ଖେଳାଳୀ ଓ ମାଷ୍ଟର ଖେଳାଳୀ ଯୋଗଦେଇଥିଲେ। ଶ୍ରୀଲଙ୍କାର ୨୯ ଖେଳାଳୀଙ୍କ ସମେତ ୩୮୦ ଜଣ ଖେଳାଳୀ ଏଥିରେ ଭାଗ ନେଇଛନ୍ତି। ଭାରତୀୟ କୋଚ୍ ଭାବେ ଆର୍‌ଏଲଏସ୍‌ଏସର କୌସ୍ତୁଭ ବକ୍ସି, ରୋହିତ ପି., ପ୍ରଦୀପନାଇଡୁ, ଜୟନ୍ତକୁମାରସିଂ, ଆର. ମୈୟାପ୍ପାନ, ଧର୍ମେନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

ବୁଧବାର ସକାଳେ ପ୍ରଥମେ ସ୍ପୋର୍ଟ୍ସ ଏରିନାରେ ଖେଳାଳୀ ଓ ସ୍ୱେଚ୍ଛାସେବୀ ଡାନ୍ସ ଫିଟନେସରେ ଯୋଗଦେଇଥିଲେ। ଏହାପରେ ସମୁଦ୍ର ଜଳରେ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ସେହିପରି ଥ୍ରୋ ବଲ, ଭଲିବଲ, ମାଲଖମ୍ବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗଦି କୁସ୍ତିକୁ ଦର୍ଶକ

**ଅଂଶଗ୍ରହଣ କରିଛନ୍ତି ଦେଶ ବିଦେଶର ୩୮୦ କ୍ରୀଡ଼ାବିତ**



ଉପଭୋଗ କରିଥିଲେ। ସେହିପରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍କୁଲ ଏବଂ ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ବିଶେଷକରି ସବୁଠୁ ଆକର୍ଷଣୀୟ ସାଜିଥିଲା କଳିଙ୍ଗ ସ୍ମାର୍ଟ ସ୍କୁଲର ଷ୍ଟାଣ୍ଡାର୍ଡ-୧ ଏବଂ ସିନିୟର କେଜି ପିଲାଙ୍କ 'ପରୀ' ନୃତ୍ୟ। ସାମ୍ପ୍ରତିକ ସମାଜରେ ଘଟୁଥିବା ଘଟଣାବଳୀକୁ ଏଥିରେ ପ୍ରତିଫଳିତ କରିଥିଲା। କିପରି କୁନି କୁନି ଝିଅଙ୍କୁ ପ୍ରଲୋଭନ ଦେଖାଇ ମାଂସଲୋଭୀ ମଣିଷ ଶେଷରେ ତାଙ୍କୁ ମାରିଦେଉଛନ୍ତି ତାହାକୁ ବେଶ୍ ଭଲ ଭାବେ ମଞ୍ଚରେ ଫୁଟାଇଥିଲେ ଛାତ୍ରଛାତ୍ରୀ। ଏକଦା ଓଡ଼ିଶାରେ ଚର୍ଚ୍ଚିତ କୁନିଝିଅ 'ପରୀ'ର କାହାଣୀ ଉପରେ ପର୍ଯ୍ୟବସିତ ଏହି ନୃତ୍ୟାଭିନୟ ଢେର୍ କରତାଳି ସାଉଣ୍ଟିଥିଲା ଦର୍ଶକଙ୍କର। ଏଭଳି ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ।

## ଚିନ୍ତାରେ ଖୋର୍ଦ୍ଧା କ୍ୟାବିନ ବ୍ୟବସାୟୀ

**ଦ୍ୱିତୀୟ ଦିନରେ ବନ୍ଦ୍ ପାଳନ**

# ତୁଟୁନି ସମସ୍ୟା; ଖାଉଟି ହୀନସ୍ତା

ଖୋର୍ଦ୍ଧା,୧୧।୧୨(ସମିସ)



କ୍ୟାବିନ୍ ବ୍ୟବସାୟୀଙ୍କ ଉଚ୍ଛେଦ ଓ ଥଇଥାନ ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି। ବ୍ୟବସାୟୀ ସଂଘ ପକ୍ଷରୁ ଦିଆଯାଇଥିବା ୫ ଦିନିଆ ବନ୍ଦ ଡ଼ାକରା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦୋକାନ ବଜାର ବନ୍ଦ ରହିଥିବାରୁ ଖାଉଟି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଦେଇଥିବା ୫ଦିନ ମହଲତର କଣ୍ଟରୁ ଦୁଇ ଦିନ ବିତିଛି। ଅପରପକ୍ଷରେ ବ୍ୟବସାୟୀ ମହାସଂଘର ମଧ୍ୟ ଘନ ଘନ ବୈଠକ ବସୁଛି, ହେଲେ କିଛି ବି ନିଷ୍ପତି ହୋଇପାରୁନାହିଁ। ନିରୀହ ବ୍ୟବସାୟୀ ସଙ୍ଘ ସହିତ ରହିବେ କି ପ୍ରଶାସନ ଆଦେଶ ମାନିବେ ତାକୁ ନେଇ ଦ୍ୱନ୍ଦରେ ପଡିଛନ୍ତି। ଗତ ୧୦ତାରିଖରେ ପ୍ରଶାସନ ପକ୍ଷରୁ କ୍ୟାବିନ ଉଚ୍ଛେଦକୁ ନେଇ ଉପଜିଲ୍ଲାପାଳଙ୍କ ସହ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଏବଂ ବିଭିନ୍ନ ଦଳର ରାଜନେତାମାନେ ଆଲୋଚନା କରି କିଛିଦିନ ସମୟ ମାଗିଥିଲେ। ବ୍ୟବସ୍ଥିତ ଢଙ୍ଗରେ ଥଇଥାନ କରିବାକୁ ଉଦ୍ୟମ ନ କରି ଉଚ୍ଛେଦ କରିବା ପ୍ରଶାସନ ପାଇଁ ମହଙ୍ଗା ପଡ଼ିବ ବୋଲି ରାଜରାସ୍ତାରେ ନେତାଙ୍କ ଚେତାବନୀ ବ୍ୟବସାୟୀଙ୍କୁ ଆଶ୍ୱାସନା ଦେଲାଭଳି ଲାଗୁଥିଲା। ପ୍ରଶାସନ ଠାରୁ ୫ଦିନ ମହଲତ ମିଳିଲା ପରେ ସମସ୍ତ ୨୭ଟି ସଂଘର ବ୍ୟବସାୟୀ ଏକାଠି ହୋଇ ବୈଠକ କରିଥିଲେ।

ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ବୈଠକରେ ପ୍ରଶାସନ ଦେଇଥିବା ୫ଦିନ ମହଲତ ପୂର୍ବରୁ ବ୍ୟବସାୟୀ ମାନେ ଦୃଢ଼ ନିଷ୍ପତି ନେବାକୁ ଅନୁରୋଧ କରିଥିଲେ।

**● ବ୍ୟବସାୟୀଙ୍କ ଦାବି, ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ**
**● ହାବେଳି ପାଇଁ ଦିଆଯାଇଥିବା ସଲାମୀ ଅର୍ଥ ଫେରି ମିଳିବ କି !**

ସମସ୍ତ ବ୍ୟବସାୟୀ ଏକାଠି ହୋଇ କାର୍ଯ୍ୟଧାରା ଜାରି ରଖିଲେ ସମସ୍ୟା ସମାଧାନ ହେବ ବୋଲି ଶ୍ରୀ ସାହୁ କହିଥିଲେ। ବୈଠକରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, କାଉନସିଲର ନାଗଭୂଷଣ ଜେନା ମଧ୍ୟ ବ୍ୟବସାୟୀଙ୍କ ମତ ସହିତ ଏକମତ ଥିବା କହିଥିଲେ। ବିଭିନ୍ନ ବ୍ୟବସାୟୀ ସଙ୍ଘର ନିଷ୍ପତି କ୍ରମେ ୫ଦିନ ପାଇଁ ଖୋର୍ଦ୍ଧାର ବଜାର ସମ୍ପୂର୍ଣ୍ଣ ବନ୍ଦ ରହିବ। ବିଶେଷ କରି ନିଜ ସ୍ଥାନରେ ଦୋକାନ କରିଥିବା ବ୍ୟବସାୟୀ ଏହି ବନ୍ଦ ଡାକରାରୁ ବାଦ୍ ପଡିଛନ୍ତି। ଗଠିତ କୋର କମିଟି ୫ଦିନ ମଧ୍ୟରେ ବ୍ୟବସାୟୀଙ୍କ ଜୀବନ ଜୀବିକାକୁ ନେଇ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିବାକୁ ଉଦ୍ୟମ ଜାରିରଖିଛି।

ତେବେ ବ୍ୟବସାୟୀମାନେ ଉଚ୍ଛେଦ ପରେ କୋଉଠି ଥଇଥାନ ହେବେ, ତାକୁ ନେଇ ମଧ୍ୟ ପ୍ରଶ୍ନ ମୁଣ୍ଡ ଟେକିଛି। ୧୬୩ଟି ଭେଣ୍ଡିଂ ଜୋନରେ ସମସ୍ତ ପ୍ରକାର ଦୋକାନ ଚାଲିବା ସମ୍ଭବ ନୁହେଁ। ଟିଣଘର ଏବଂ ସଂକୀର୍ଣ୍ଣ ଭିତରେ ତାହା ହୋଇଥିବାରୁ ଖୋର୍ଦ୍ଧାଭଳି ଶୁଷ୍କ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସେଠି ବସିବା କଷ୍ଟକର ହେବ। ସେହିପରି ଟିଣଘରେ ଅଘଟଣ ଆଶଙ୍କା ମଧ୍ୟ ରହିଛି। ଏମିତି ଏକାଧିକ ପ୍ରଶ୍ନ ଭିତରେ ଉଠା ଦୋକାନୀ ଚିନ୍ତାରେ ଥିବାବେଳେ କିଛି ପରିବାରରେ ମାର୍ଗଶୀର ଗୁରୁବାରରେ ଲକ୍ଷ୍ମୀ ପୂଜା ହୋଇନିକି ଚୁଲ୍ଲୀ ମଧ୍ୟ ଜଳୁନି।

ଅନ୍ୟପଟେ ବ୍ୟବସାୟୀଙ୍କ ଏଭଳି ଅବସ୍ଥାରେ ବୟାନବାଜି କରିବାକୁ ନେତାମାନେ ଆଗଭର ହୋଇଛନ୍ତି। ବ୍ୟବସାୟୀଙ୍କ ସାଥିରେ ସାମିଲ ହୋଇ ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଥିବା ରାଜନେତାଙ୍କ ପ୍ରୟାସକୁ ସାମାଜିକ ଗଣମାଧ୍ୟମରେ କୁମ୍ଭୀରକାନ୍ଦଣା ବୋଲି ବିବେଚନା କରାଯାଉଛି। ବ୍ୟବସାୟୀ ସଂଘ ଭିତରେ ଫାଟ ସୃଷ୍ଟି ପାଇଁ ମଧ୍ୟ ଉଦ୍ୟମ କରାଯାଉଛି। ସମସ୍ତେ ସହରକୁ ସରସ ସୁନ୍ଦର କରିବାକୁ ମତ ରଖିଥିବାବେଳେ ବ୍ୟବସାୟୀଙ୍କ ଜୀବନ ଜୀବିକା ଉପରେ କେହି ଦୃଷ୍ଟି ଦେଉନାହାନ୍ତି। ୨୦୦୩ରୁ ସଲାମୀ ବାବଦରେ ୩ ହଜାର ଟଙ୍କା ଜମା ଦେଇ ପୌରପ୍ରଶାସନ ଠାରୁ ନିର୍ଦ୍ଦିଷ୍ଟ ପ୍ଲଟରେ ଘର ଖଣ୍ଡେ ପାଇବା ପାଇଁ ଚାହିଁ ରହିଥିବା ୫୪୩ ବ୍ୟବସାୟୀଙ୍କ ଜମା ଟଙ୍କା କୁଆଡେ ଗଲା ବୋଲି ପୁଣି ଏକ ପ୍ରଶ୍ନ ମୁଣ୍ଡ ଟେକିଛି। ବ୍ୟବସାୟୀଙ୍କଠାରୁ ୨୦୦୩ ମସିହାରେ ଆଦାୟ ହୋଇଥିବା ୧୬ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ସେଇ ପ୍ରସ୍ତାବିତ ହାବେଳି ପଡିଆରେ ମେଗା ମାର୍କେଟ କମ୍ପ୍ଲେକ୍ସ ପାଇଁ ଆବଶ୍ୟକ ଭିତ୍ତିଭୂମିରେ ଖର୍ଚ୍ଚ ହୋଇଥିବା ପୌର ପରଷଦର ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା।

ଅନ୍ୟପକ୍ଷରେ ବିଡିଏ ମଧ୍ୟ ଏହି ସ୍ଥାନରେ ପୌରାଧ୍ୟକ୍ଷାଙ୍କ ଆବେଦନ କ୍ରମେ ପ୍ରାଚେରୀ ନିର୍ମାଣ କରିଥିଲେ। ସାଂସଦ ପାଣ୍ଠିରୁ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ଉନ୍ନତିକରଣ ନାମରେ ୫ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ କାର୍ଯ୍ୟ କରାଯାଇଥିଲା। ଏ ସବୁ ସତ୍ତ୍ୱେ ପ୍ରଶାସନ ଏହି ସ୍ଥାନକୁ ବ୍ୟବସାୟୀଙ୍କୁ ପ୍ରଦାନ କରାଯିବ ନାହିଁ ବୋଲି ମନା କରିବା ପରେ ଅସନ୍ତୋଷ ଦେଖାଦେଇଛି। ଯଦି ହାବେଳି ପଡ଼ିଆରେ ବ୍ୟବସାୟୀଙ୍କୁ ଜାଗା ନ ମିଳେ ତେବେ ସେମାନେ ଦେଇଥିବା ଅର୍ଥ ରାଶି କିଭଳି ଫେରି ପାଇବେ, ତାହାକୁ ନେଇ ଆଉ ଏକ ଆନ୍ଦୋଳନ, ମକଦ୍ଦମା ଆଶଙ୍କା ମଧ୍ୟ ରହିଛି। ୫ଦିନ ଖୋର୍ଦ୍ଧା ବନ୍ଦ ଯୋଗୁ ଜନ ସାଧାରଣ ସଉଦା, ପରିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପୂର୍ବରୁ କୌଣସି ଘୋଷଣା ନ ଥାଇ ହଠାତ ବନ୍ଦ ନିଷ୍ପତି ଯୋଗୁ ଜନସାଧାରଣ ସମସ୍ୟାରେ ପଡୁଛନ୍ତି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତ ଜନ ପ୍ରତିନିଧି ଏକ ହୋଇ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ଏକ ନିଷ୍ପତି ନେବାକୁ ଆଗେଇ ଆସିବା ଉଚିତ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ମାନବାଧିକାର ଦିବସ



**ଖୋର୍ଦ୍ଧା,୧୧।୧୨(ସମିସ):** ତାଲୁକ ଆଇନ ସେବା କମିଟି ପକ୍ଷରୁ ମାନବାଧିକାର ଦିବସ ସ୍ଥାନୀୟ ବ୍ରହ୍ମପୁରାସ୍ଥିତ ଏକ ଘରୋଇ କଲେଜ ପରିସରରେ ପାଳିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଚେତନତା ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମହିଳା କୋର୍ଟ ଜଜ୍ ରେଖାରାଣୀ ନାୟକ, ସିଭିଲ ଜଜ୍ ବରିଷ୍ଠ ରାଜେଶ ରୋଶନ ନନ୍ଦ, ଏସଡିଜେଏମ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମଏଫସି ଲିପସା ରାଉତ, ଆଇନଜୀବୀ ଅଶୋକ ମହାପାତ୍ର, ବିକ୍ରମ କେଶରୀ ଚମ୍ପତି, ଶିବ ପ୍ରସାଦ ତ୍ରିପାଠୀ, ଅଧ୍ୟକ୍ଷ ଅଂଶୁମାନ ବାବୁ, କଳ୍ପନା ଶର୍ମା, ସୁକ୍ରମ ଚମ୍ପତି, ଭଗବାନ ଦଳବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାନବ ଅଧିକାର ଏବଂ ଆମ୍ଭର ସାମ୍ବିଧାନିକ କର୍ତ୍ତବ୍ୟ ବିଷୟରେ ବକ୍ତାମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହାକୁ ତାଲୁକ ସମ୍ପାଦକ ବବି ଶତପଥୀ ସଂଯୋଜନା କରିଥିଲାବେଳେ ସିଭିଲ ଜଜ୍ ରାଜେଶ ରୋଶନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## କୁରାଳ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ



**ବାଣପୁର,୧୧।୧୨(ସମିସ):** ପବିତ୍ର ମାର୍ଗଶୀର ଶୁକ୍ଳ ପଞ୍ଚମୀ ତିଥିରୁ ବାଣପୁର ବ୍ଲକର ଖଣତ କୁମ୍ଭାରସାହିର କୁମ୍ଭକାର ସମାଜ ତରଫରୁ ଚାରି ଦିନ ଧରି ଚାଲିଥିବା କୁରାଳ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟହ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଦୈନନ୍ଦିନ ନାମ ସଂକୀର୍ତ୍ତନ, ଯଜ୍ଞ, ଭଜନ ସମାରୋହ, ଚକ ପୂଜା ଓ ଅନ୍ନ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଆଲୋକମାଳା ସହ ସାଜସଜାରେ ସାରା ଗ୍ରାମ ଉତ୍ସବମୁଖର ହୋଇପଡିଥିଲା। ସେହିପରି ଭୀମପୁର, କୁରୁଞ୍ଜିପୁର, ମୁକ୍ତାଦେଇପୁର, ସାରୁବାରିପଦର, ଓସ୍ତାପଲ୍ଲୀ, ବିଷ୍ଣୁଡ଼ିହ ଓ ହଜ୍ ଆଦି ଗ୍ରାମରେ କୁମ୍ଭକାର ସମାଜ ତରଫରୁ କୁରାଳ ପଞ୍ଚମୀ ପାଳିତ ହୋଇଯାଇଛି।

## ସିଦ୍ଧ ମହାବୀରଙ୍କ ତୃତୀୟ ବାର୍ଷିକ ଉତ୍ସବ

**ବେଗୁନିଆ,୧୧।୧୨(ସମିସ):** ବେଗୁନିଆ ବ୍ଲକ ନିକଟସ୍ଥ ଗେଡିଆପଲ୍ଲୀ ପଞ୍ଚାୟତର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ମହାବୀରଙ୍କ ତୃତୀୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ "ଏଇ ଆମ ଗାଁ'ର ସଭାପତି ତଥା ଅବସରପ୍ରାପ୍ତ ସୁବେଦାର ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ୍ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଯୋଗେଶ୍ୱର ପଣ୍ଡାଙ୍କ ସଂଯୋଜନାରେ ଶିକ୍ଷାବିତ୍ ସୁଦର୍ଶନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍, ମାଟ୍ରିକ ଟପ୍ପର ଓ ୪ଟି ନାମ ସଂକୀର୍ତ୍ତନ ଦଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭ ଦିନରୁ ଶୁଭାଧିବାସ, ନାମ ସଂକୀର୍ତ୍ତନ ଚତୁର୍ଥ ପ୍ରହରୀ ସହ ବାଲୁଙ୍କେଶ୍ୱର ଦେବଙ୍କ ପୀଠକୁ ଆଗମନ କରିଥିଲେ। ପରେ ବୈଦିକ ବ୍ରାହ୍ମଣ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ଦମ୍ପତି ଗୌରାଙ୍ଗ ପଣ୍ଡା ଓ କମଳା ପଣ୍ଡା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



## ଗୀତା ଜୟନ୍ତୀ ଓ ଭାରତୀୟ ଭାଷା ଉତ୍ସବ

**ନିରାକାରପୁର,୧୧।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଶ୍ରୀ ଦେବ୍ୟୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାରେ ଗୀତା ଜୟନ୍ତୀ ଓ ଭାରତୀୟ ଭାଷା ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଡଃ କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀ କାନ୍ତ ନନ୍ଦ, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବେଦ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଗୀତା ମାହାତ୍ମ୍ୟ ଓ ଭାରତର ସ୍ୱତନ୍ତ୍ରତା ଆନ୍ଦୋଳନର ପ୍ରମୁଖ ସେନାନୀ ବିଶିଷ୍ଟ ତାମିଲ କବି, ଲେଖକ, ପତ୍ରକାର ଶ୍ରୀ ସୁବ୍ରହ୍ମଣ୍ୟ ଭାରତୀ (ମହାକବି ଭାରତୀ)ଙ୍କ ଜୟନ୍ତୀ ବା ଭାରତୀୟ ଭାଷା ଉତ୍ସବ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।



## ରେଳ ଧାରଣା ନିକଟରୁ ଦୁଇ ମୃତଦେହ ଉଦ୍ଧାର

**ବାଲୁଗାଁ,୧୧।୧୨(ସମିସ):** ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଅନ୍ତର୍ଗତ ଗଙ୍ଗାଧରପୁର ରେଳ ଷ୍ଟେସନ ନିକଟସ୍ଥ ରେଳ ଧାରଣା ନିକଟରେ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଓ କୁହୁଡି-କାଳୁପଡା ରେଳ ଷ୍ଟେସନ ମଧ୍ୟ ଏକ ରେଳ ବ୍ରିଜ ତଳେ ଜଣେ ମହିଳାଙ୍କ ମୃତ ଦେହକୁ ରେଳବାଇ ପୁଲିସ ଜବତ କରିଛି। ସ୍ଥାନୀୟ ଲୋକେ ଦେଖି ରେଳବାଇ ପୁଲିସକୁ ସୂଚନା ଦେଇଥିଲେ। ମହିଳା ଜଣଙ୍କର ପରିଚୟ ମିଳିପାରି ନଥିବା ବେଳେ ମୃତ ବ୍ୟକ୍ତି ହେଲେ ଚିଲିକା ବ୍ଲକ ଅନ୍ତର୍ଗତ ଜରିପଡା ଗ୍ରାମର ବିଷ୍ଣୁ ଘଡେଇ। ଉଭୟ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ରେଳବାଇ ପୁଲିସ ଉଭୟ ମୃତ ଦେହ ଜବତ କରି ଦୁଇଟି ପୃଥକ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୭ ଗିରଫ



**ବାଲୁଗାଁ,୧୧।୧୨(ସମିସ):** ବାଲୁଗାଁ ଥାନା ଅଧିନ ନାଭାଲ ଫାଣ୍ଡି ନିକଟସ୍ଥ ବୁଡୁଡ଼ି ଅଞ୍ଚଳର ପୋଖରୀ ନିକଟରେ ଜୁଆ ଖେଳ ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ଫାଣ୍ଡି ଅଧିକାରୀ ରବୀନ୍ଦ୍ରନାଥ ଗୌଡ ସଦଳବଳେ ଚଢ଼ଉ କରି ସେଠାରୁ ୭ ଜଣ ଜୁଆଡ଼ିଙ୍କୁ ଗିରଫ କରିଛନ୍ତି। ସେଠାରୁ ନଗଦ ୧୨ ହଜାର ୧୯୦ ଟଙ୍କା ସମେତ ୫ଟି ବାଇକ୍, ତାସ ମୁଠା ଓ ଜୁଆ ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ହେଲେ ଆଉ କିଛି ଜୁଆଡି ପୁଲିସକୁ ଦେଖି ଖସି ପଳେଇବାରେ ସକ୍ଷମ ହୋଇଛନ୍ତି।

## ୧୧ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**ବାଲୁଗାଁ;୧୧।୧୨(ସମିସ):** ବାଣପୁର ଥାନା ଅନ୍ତର୍ଗତ ପାରିନୂଆଗାଁ ଛକ ନିକଟରେ ଜଣେ ଯୁବକ ଏକ ବସ୍ତା ଧରି ସନ୍ଦିଗ୍ଧ ଅବସ୍ଥାରେ ଏକ ବସକୁ ଅପେକ୍ଷା କରିଥିବା ବେଳେ କୌଣସି ବିଶେଷ ସୂତ୍ରରୁ ଖବରପାଇ ଅବକାରୀ କର୍ମଚାରୀ ଉକ୍ତ ସ୍ଥାନରେ ଚଢଉ କରି ଉକ୍ତ ଯୁବକକୁ ଯାଞ୍ଚ କରିବାରେ ତା' ନିକଟରୁ ୧୧କେଜି ୫ଶହ ଗ୍ରାମର ଗଞ୍ଜେଇ ମିଳିଥିଲା। ଗିରଫ ଯୁବକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ଚନ୍ଦନପୁର ଗ୍ରାମର ବେଲାଳସେଣ ପ୍ରଧାନ (୨୨)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ୧୫ହଜାର ଟଙ୍କା ହେବ। ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ବୁଧବାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ବେଲାଳସେଣକୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢଉରେ ବାଲୁଗାଁ ଅବକାରୀ ଏସଆଇ ସଂଜୟ ସୁବୁଦ୍ଧି, ସିପାହୀ ଅଶେଷ ପ୍ରଧାନ, ତୁଷାରକାନ୍ତ ଚମ୍ପତି, ଚିନ୍ମୟୀ ଦାଶ ଓ କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ପୋଚ ଓ ଦେଶୀ ମଦ ଜବତ

**ବେଗୁନିଆ,୧୧।୧୨(ସମିସ):** ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ସଂସ୍ଥା ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ମିଳିତ ଚଢଉ କରାଯାଇ ୯୪୦୦ କେଜି ପୋଚ ଓ ୪୨୪ ଲିଟର ଦେଶୀ ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଏକଡ଼ାଳିଆ ଗ୍ରାମ ନିକଟସ୍ଥ ନଳ ଜଙ୍ଗଲ ପରିସର ମଧ୍ୟରେ ଦେଶୀ ମଦ ପ୍ରସ୍ତୁତ ହେଉଥିବାର କୌଣସି ସୂତ୍ରରୁ ଖବର ପାଇ ପୋଚ, ଦେଶୀ ମଦ ଓ ଆବଶ୍ୟକୀୟ ସରଞ୍ଜାମ ସହ ଅଭିଯୁକ୍ତକୁ ଗିରଫ କରି ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି।

## ଗୋଦାବରୀଶ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଣପୁର,୧୧।୧୨(ସମିସ):** ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଦୁଇ ଦିନ ଧରି ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡାର ଉଦଯାପନୀ ଉତ୍ସବରେ ଅତିଥି ଭାବେ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଜୀତେନ୍ଦ୍ର ଭୋଲ ଓ ସ୍ୱାମୀ ସନ୍ଦୀପନି ମହାରାଜ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମା ମଞ୍ଚ ପରିଚାଳନା କରିଥିଲେ।



ଯୁକ୍ତ ଦୁଇ ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର ଓ ପୂର୍ବତନ କ୍ରୀଡା ଶିକ୍ଷକ ବୈରାଗୀ ଚରଣ ବଳ, କ୍ରୀଡ଼ା ପରିଷଦର ଉପସଭାପତି ପୁଲିନ୍ ବିହାରୀ ଜେନା, ଡକ୍ଟର ଗୁରୁ କିଶୋର ନାୟକ, ଅଜୟ କୁମାର ଦାସ, ଉର୍ବଶୀ ସ୍ୱାଇଁ ଓ ଅନିତା ଗୌଡଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସି ଥିବା କ୍ରୀଡା ଶିକ୍ଷକମାନେ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଯୁକ୍ତ ତିନି ବାଳକ ବିଭାଗରେ ଓମ୍ ପ୍ରକାଶ ସ୍ୱାଇଁ ଓ ବାଳିକା ବିଭାଗରେ କୁମାରୀ ରଞ୍ଜିତା ଜେନା ଏବଂ ଯୁକ୍ତ ଦୁଇ ବାଳକ ବିଭାଗରେ ଦେବୀ ପ୍ରସାଦ ଦାସ ଓ ବାଳିକା ବିଭାଗରେ ଶ୍ରଦ୍ଧାଞ୍ଜଳୀ ପ୍ରଧାନ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଛନ୍ତି।

## ନୂତନ ବିଡିଓଙ୍କ ଯୋଗଦାନ



**ଟାଙ୍ଗୀ,୧୧।୧୨(ସମିସ):** ଟାଙ୍ଗୀ ବ୍ଲକର ନୂତନ ବିଡିଓ ରୁମାନା ଜାଫ୍ରି ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏକ ନିରାଡମ୍ବର ଉତ୍ସବରେ ପଞ୍ଚାୟତସମିତି କାର୍ଯ୍ୟାଳୟରେ ନୂତନ ବିଡିଓଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ବିଡିଓ ରେସ୍ମା ଟେଟେଙ୍କ ସୁକିନ୍ଦା ବଦଳି ହୋଇଛି। ନୂତନ ବିଡିଓଙ୍କୁ ପଞ୍ଚାୟତସମିତି ଅଧ୍ୟକ୍ଷା ରିସ୍ମା ମାନଧାତା ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ବେଳେ ବିଦାୟୀ ବିଡିଓ ଶ୍ରୀମତୀ ଟେଟେଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକର ସମସ୍ତ ଲାଇନ ଅଫିସର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବାଣପୁର,୧୧।୧୨ (ସମିସ) :** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନାରୁଣୀ ଥାନା ଅନ୍ତର୍ଗତ ଖଜୁରିଆ ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶୀକାର ହୋଇଥିବା ଯୁବକଙ୍କ ହେଉଛନ୍ତି ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଘାସଡି ନୂଆ ସାହିର ବିଶେଷ ସାହୁ। ବିଶେଷଙ୍କ ଶରୀର ଓ ମୁଣ୍ଡରେ ଗଭୀର ଆଘାତ ଲାଗି ଗୁରୁତର ଅବସ୍ଥାରେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗମ୍ଭାରୀମୁଣ୍ଡା ଘାସଡି ନୂଆ ସାହିର ବିଶେଷ ସାହୁ, ରିଙ୍କୁ ସାହୁ ଓ ଅକ୍ଷୟ ସାହୁ ତିନି ଜଣ ମିଶି ଗମ୍ଭାରୀମୁଣ୍ଡା ଫାଣ୍ଡି ନିକଟସ୍ଥ ଖଜୁରିଆ ଗ୍ରାମକୁ ରଙ୍ଗ କାମ କରିବାକୁ ଯାଇଥିଲେ। ତେବେ ମଧ୍ୟାହ୍ନରେ ଖାଇବା ପାଇଁ ଘରକୁ ଫେରୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଜୁରିଆ ଗ୍ରାମର କିଛି ଯୁବକ ଗାଁ ମଝିରେ ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ବିଶେଷଙ୍କୁ ଲୁହା ରଡ ଓ ବାଉଁଶରେ ମରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ବିଶେଷଙ୍କୁ ରକ୍ଷା କରିବାକୁ ଯାଇ ରିଙ୍କୁ ଓ ଅକ୍ଷୟ ମଧ୍ୟ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ବିଶେଷକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ଗମ୍ଭାରୀମୁଣ୍ଡା ଡାକ୍ତରଖାନା ଓ ପରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛି।



**ଟାଙ୍ଗୀ ସର୍ବଭାରତୀୟ ମହିଳା ଫୁଟ୍‌ବଲ ମ୍ୟାଚ୍ ଉଦ୍‌ଘାଟିତ**

# ୩-୨ ଟାଇବ୍ରେକର୍‌ରେ କଟକ ବିଡ଼ାନାସୀ ବିଜୟୀ

ଟାଙ୍ଗୀ,୧୧।୧୨(ସମିସ)



ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଦେବୀ ଦୁର୍ଗା କଲଚରାଲ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ମହିଳା ଫୁଟବଲ ପ୍ରତିଯୋଗିତା- ୨୦୨୪ ଉଦଘାଟିତ ହୋଇଯାଇଛି। ବୁଧବାର ଉଦଘାଟନୀ ମ୍ୟାଚରେ ଅଭିନବ ବିଡାନାସୀ କଟକ ଏବଂ ଓମେନସ୍ ଏଫ୍‌ସି କେନ୍ଦ୍ରାପଡା ମଧ୍ୟରେ ମୁକାବିଲା ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ୩-୨ ଗୋଲରେ କଟକ ବିଡ଼ାନାସୀ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆଜିର ମ୍ୟାଚରେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ସଭାପତି ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ପଞ୍ଚାୟତସମିତି ଅଧ୍ୟକ୍ଷା ରିସ୍ମା ମାନଧାତା, ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ଆଡଭୋକେଟ ତପନ କୁମାର ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ, ଆୟୋଜକ ଟ୍ରଷ୍ଟି ପ୍ରଦିପ୍ କୁମାର ମହାପାତ୍ର, ଆଡଭୋକେଟ ବିଶ୍ୱଜିତ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ, ୪ର୍ଥର୍ ରେଫରୀ ଆରତୀ ମହାନ୍ତି, ସହକାରୀ ରେଫରି ଭାବେ ବଳମତି ଓରାମ, ରିନା ତିର୍କୀ ଓ ରେଫରି ଭାବେ ବିଣାପାଣୀ ବିରୁଆ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ଜେଏସଏସପିଏସ ରାଞ୍ଚି (ଝାରଖଣ୍ଡ) ଓ କ୍ୟାପିଟାଲ ଫୁଟବଲ ଏକାଡେମୀ ଭୁବନେଶ୍ୱରକୁ ଭେଟିବ। ବ୍ରଜବନ୍ଧୁ ଦାସ, ମୂରଲିଧର ମହାନ୍ତି, ବିଭୂତି ବଳିୟାରସିଂ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଟିକେଟ କୁପନ ବିଜେତାଙ୍କୁ ପଞ୍ଚାୟତସମିତି ଅଧ୍ୟକ୍ଷା ସୁଶ୍ରୀ ମାନଧାତା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଶ୍ରୀ ମହାପାତ୍ର ପୁରସ୍କାର ରାଶି ପ୍ରଦାନ କରିଥିଲେ।

